# ଏଣିକି ଦିନ ୧୦ରୁ ୪ଟା ପର୍ଯ୍ୟନ୍ତ ଖୋଲିବ ବ୍ୟାଙ୍କ୍

ଭୁବନେଶ୍ୱର,୨୧।୫/ଏନ୍ଏନ୍ଏସ୍: ଦେଶବ୍ୟାପୀ ଚତୁର୍ଥ ପର୍ଯ୍ୟାୟ ଲକ୍‌ଡାଉନ୍ ଜାରି ରହିଥିବାବେଳେ ବହୁ କଟକଣାକୁ କୋହଳ କରାଯାଇଛି । ବିଭିନ୍ନ ସରକାରୀ ଅଫିସ୍ ଓ ବ୍ୟବସାୟିକ ପ୍ରତିଷ୍ଠାନ ଖୋଲିବାକୁ ଅନୁମତି ଦିଆଯାଇଥିବାରୁ ଓଡ଼ିଶା ସରକାର ସରକାରୀ ଅଫିସ୍ ଓ ବ୍ୟାଙ୍କଗୁଡ଼ିକୁ ପୂର୍ଣ୍ଣ ଉପସ୍ଥାନ ସହ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି । ସେହିପରି ବ୍ୟାଙ୍କଗୁଡ଼ିକୁ ସ୍ୱାଭାବିକ କରିବା ପାଇଁ ଏଣିକି ପୂର୍ବାହ୍ଣ ୧୦ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ବ୍ୟାଙ୍କ୍ ଖୋଲା ରଖିବାକୁ ରାଜ୍ୟ ଅର୍ଥ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି । ଲୋକଙ୍କୁ ସ୍ୱାଭାବିକ ଭାବେ ସେବା ଯୋଗାଇଦେବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ଅର୍ଥ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି, ସବୁ ବ୍ୟାଙ୍କ୍, ସମବାୟ ବ୍ୟାଙ୍କ୍ ଓ ଆଞ୍ଚଳିକ ବ୍ୟାଙ୍କ୍ ସମସ୍ତ କାର୍ଯ୍ୟଦିବସରେ ନିଜର ପୂର୍ଣ୍ଣ କର୍ମଚାରୀ କ୍ଷମତା ସହ ପୂର୍ବାହ୍ଣ ୧୦ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ବ୍ୟାଙ୍କ୍ ଖୋଲା ରଖିବେ । ସେହିପରି ବ୍ୟାଙ୍କିଂ କରେସ୍‌ପଣ୍ଡେଣ୍ଟ ଓ ଗ୍ରାହକ ସେବା କେନ୍ଦ୍ରଗୁଡ଼ିକ ସକାଳ ୭ଟାରୁ ସନ୍ଧ୍ୟା ସାଢ଼େ ୬ଟା ପର୍ଯ୍ୟନ୍ତ ଖୋଲିବ । ଗ୍ରାମାଞ୍ଚଳ ଗ୍ରାହକଙ୍କ ପାଇଁ ଅପରାହ୍ଣ ୨ଟାରୁ ୪ଟା ପର୍ଯ୍ୟନ୍ତ ଏଗୁଡ଼ିକ ଖାଲି ସେବା ଯୋଗାଇପାରିବେ ।

ନିତିଦିନ NITIDIN Fri, May 22, 2020
http://odishanewsnitidin.com